**REGIONAL NEWS UNIT, AIR CUTTACK**

**Morning Bulletin (7.05 AM)**

**4 August– 2026**

---

# ରାଷ୍ଟ୍ରପତିଙ୍କ ଓଡ଼ିଶା ଗସ୍ତ

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଆଜି ଭୁବନେଶ୍ୱରରୁ ପୂର୍ବାହ୍ନରେ ବ୍ରହ୍ମପୁର ପର୍ଯ୍ୟନ୍ତ ଟ୍ରେନ୍‌ରେ ଯାତ୍ରା କରିବେ । ବ୍ରହ୍ମପୁର ତପ୍ତପାଣିଠାରେ ମା' କନ୍ଧୁଣିଦେବୀ ମନ୍ଦିର ଓ ଶିବ ମନ୍ଦିରରେ ରାଷ୍ଟ୍ରପତି ପୂଜାର୍ଚ୍ଚନା କରିବାର କାର୍ଯ୍ୟସୂଚୀ ରହିଛି। ରାଷ୍ଟ୍ରପତିଙ୍କ ଗସ୍ତକୁ ଦୃଷ୍ଟିରେ ରଖି ବ୍ରହ୍ମପୁରରେ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ରାଷ୍ଟ୍ରପତି ଗତକାଲି କଟକ ଜିଲ୍ଲା ବାଙ୍କୀର ବାଅାଁରାଠାରେ ଜଗତ୍‌ଗୁରୁ କୃପାଳୁ ବିଶ୍ୱବିଦ୍ୟାଳୟର ଉଦ୍‌ଘାଟନ କରିଥିଲେ ।

---

# ବନ୍ୟା-ସହାୟତା

ରାଜ୍ୟରେ ବିଭିନ୍ନ ଜିଲ୍ଲାରେ ବନ୍ୟାଜଳ ହ୍ରାସ ପାଉଥିବାବେଳେ ପରିସ୍ଥିତି ଧୀରେ ଧୀରେ ସ୍ୱାଭାବିକ ହେଉଛି । ତେବେ ବର୍ଷା ହେବାନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୯ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଆସନ୍ତା ୨୪ଘଣ୍ଟା ମଧ୍ୟରେ ବିଜୁଳି ଘଡ଼ଘଡ଼ି ସହ ପ୍ରବଳ ବର୍ଷା ହେବା ନେଇ ୧୫ଟି ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ରାଜ୍ୟ ସରକାର ପ୍ରାରମ୍ଭିକ ପର୍ଯ୍ୟାୟରେ ବନ୍ୟା ପ୍ରଭାବିତଙ୍କ ପାଇଁ ୧୧୦ କୋଟି ଟଙ୍କାର ସହାୟତା ଘୋଷଣା କରିଛନ୍ତି ।

---

# ବନ୍ୟାଞ୍ଚଳ ପରିଦର୍ଶନ

ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଜଗତ୍‌ସିଂହପୁର ଜିଲ୍ଲା ବନ୍ୟାଞ୍ଚଳ ପରିଦର୍ଶନ କରି କ୍ଷୟକ୍ଷତିର ଅନୁଧ୍ୟାନ କରିଛନ୍ତି । ଏହି ଅବସରରେ ଶ୍ରୀ ସିଂହଦେଓ କହିଛନ୍ତି ...

**V/O**

---

# ଅନୁ ଗର୍ଗ-ବୈଠକ

ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଆଜି ସଚିବସ୍ତରୀୟ ବୈଠକ ଅନୁଷ୍ଠିତ ହେବ । ଭୁବନେଶ୍ୱର ଖାରବେଳ ଭବନରେ ହେବାକୁ ଥିବା ବୈଠକରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି ।

---

# ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ-ଆଲୋଚନା

ରାଜ୍ୟସ୍ତରୀୟ ପ୍ରକଳ୍ପ ନିରୀକ୍ଷଣ କମିଟିରେ ଭୁବନେଶ୍ୱର, କଟକ, ପୁରୀ, ପାରାଦ୍ୱୀପ ସହରାଞ୍ଚଳ ଅର୍ଥନୈତିକ ଅଞ୍ଚଳ ବିକାଶ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତୁତ ପ୍ରକଳ୍ପ ପ୍ରସ୍ତାବ ରିପୋର୍ଟ ଉପରେ ଆଲୋଚନା ହୋଇଛି । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଏହି ୪ଟି ସହରରେ ବିନିଯୋଗ, ଶିଳ୍ପ, ପର୍ଯ୍ୟଟନ, ପରିବହନ, ବନ୍ଦର ଭିତ୍ତିକ ଶୁଳ୍କ ଏବଂ ନିଯୁକ୍ତି ସୃଷ୍ଟିକୁ ତ୍ୱରାନ୍ୱିତ କରିବା ଲାଗି ଆଲୋଚନା ହୋଇଛି । ବିକଶିତ ଓଡ଼ିଶା ଓ ବିକଶିତ ଭାରତ ଲକ୍ଷ୍ୟ ପୂରଣ ଦିଗରେ ଏହି ପ୍ରକଳ୍ପ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ

କହିଛନ୍ତି । ପ୍ରଥମ ପର୍ଯ୍ୟାୟରେ ୫ହଜାର କୋଟି ଟଙ୍କାର ପ୍ରାରମ୍ଭିକ ପ୍ରକଳ୍ପ ସହାୟତା ଅର୍ଥଲାଗି ପ୍ରସ୍ତାବ ରହିଛି । ପ୍ରସ୍ତାବିତ ଯୋଜନାରେ ଖୋର୍ଦ୍ଧା, କଟକ, ପୁରୀ ଓ ଜଗତ୍‌ସିଂହପୁର ଜିଲ୍ଲାର ୧୯ଟି ସହରାଞ୍ଚଳ ସ୍ଥାନୀୟ ସଂସ୍ଥାକୁ ସାମିଲ କରାଯାଇଥିବା ଜଣାପଡିଛି ।

## ସମୀକ୍ଷା ବୈଠକ

ପର୍ଯ୍ୟଟନ ବିଭାଗ ସଚିବ ତଥା ବଲାଙ୍ଗିର ଜିଲ୍ଲାର ଭୋଟର ତାଲିକା ପର୍ଯ୍ୟବେକ୍ଷକ ବଳବନ୍ତ ସିଂହ ବଲାଙ୍ଗିର ଗସ୍ତ କରି ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ - ଏସ୍‌ଆଇଆର୍ ୨୦୨୬ ସମ୍ପର୍କିତ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି । ଅନୁଷ୍ଠିତ ବୈଠକରେ ଖସଡ଼ା ଭୋଟର ତାଲିକା ପ୍ରକାଶନ ପରବର୍ତ୍ତୀ କାର୍ଯ୍ୟକ୍ରମ ଗୁଡ଼ିକ ସମ୍ପର୍କରେ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଛି । ଏହି ଅବସରରେ ଶ୍ରୀ ସିଂହ ଜିଲ୍ଲା ନିର୍ବାଚନ ଅଧିକାରୀ, ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିଙ୍କ ସହ ଆଲୋଚନା କରିଥିବା ଜଣାପଡିଛି ।

## କୁଷ୍ଠମୁକ୍ତ ଓଡ଼ିଶା

ନବରଙ୍ଗପୁର ଜିଲ୍ଲାରେ କୁଷ୍ଠମୁକ୍ତ ଓଡ଼ିଶା ଅଭିଯାନରେ ୯ଲକ୍ଷ ୪୫ ହଜାରରୁ ଅଧିକ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ । ଜିଲ୍ଲାରେ ୧୫ ଦିନିଆ କୁଷ୍ଠରୋଗ ଚିହ୍ନଟ ଓ ସଚେତନତା ଅଭିଯାନ ଚଳିତମାସ ୧୫ ତାରିଖରୁ ୩୧ ତାରିଖ ଯାଏଁ ଚାଲିବ ।

# ବିଶ୍ୱ ବାଣିଜ୍ୟ ଦିବସ

ଗଞ୍ଜାମ ଜିଲ୍ଲା ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟରେ ବିଶ୍ୱ ବାଣିଜ୍ୟ ଦିବସ ପାଳିତ ହୋଇଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଫେସର ଡକ୍ଟର ଗୌରୀଶଙ୍କର ଲାଲ ଯୋଗଦେଇ ଆଧୁନିକ ଭାରତ ନିର୍ମାଣରେ ବାଣିଜ୍ୟର ଗୁରୁତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ ।

# ଫସଲ ପଞ୍ଜିକରଣ

ରାଜ୍ୟରେ ଚଳିତ ଖରିଫ ଋତୁ ପାଇଁ ପ୍ରଧାନମନ୍ତ୍ରୀ ଫସଲବୀମା ଯୋଜନା ଅଧୀନରେ ପଞ୍ଜିକରଣର ଶେଷ ତାରିଖ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି । ଏହା ଯୋଗ୍ୟ ଚାଷୀଙ୍କୁ ଯୋଜନା ଅଧୀନରେ ପଞ୍ଜିକୃତ କରିବା ତଥା ପ୍ରାକୃତିକ ବିପର୍ଯ୍ୟୟ ଏବଂ ଅନ୍ୟାନ୍ୟ ବିପଦରୁ ସୃଷ୍ଟି ହୋଇଥିବା ସମ୍ଭାବ୍ୟ କ୍ଷତିରୁ ଫସଲକୁ ସୁରକ୍ଷିତ ରଖିବା ପାଇଁ ଅତିରିକ୍ତ ସୁଯୋଗ ପ୍ରଦାନ କରିବ ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି ।

# ଇଗ୍ନୋ-ନାମଲେଖା

ଇନ୍ଦିରାଗାନ୍ଧୀ ରାଷ୍ଟ୍ରୀୟ ମୁକ୍ତ ବିଶ୍ୱବିଦ୍ୟାଳୟ- ଇଗ୍ନୋରେ ଜୁଲାଇ ୨୦୨୬ ଶିକ୍ଷା ସତ୍ରରେ ନାମଲେଖା ଓ ପଞ୍ଜିକରଣ ଆରମ୍ଭ ହୋଇଛି । ଆସନ୍ତା ୧୬ ତାରିଖ ପର୍ଯ୍ୟନ୍ତ ପଞ୍ଜିକରଣ ଜାରି ରହିବ । ଇଚ୍ଛୁକ ପ୍ରାର୍ଥୀମାନେ ଇଗ୍ନୋର ୱେବସାଇଟ୍‌ରେ ଅଧିକ ତଥ୍ୟ ପାଇପାରିବେ ।

## ଓଡ଼ିଆ ସାମ୍ବାଦିକତା ଦିବସ

ଓଡ଼ିଶାର ପ୍ରଥମ ସମ୍ବାଦପତ୍ର ଉତ୍କଳ ଦୀପିକା ୧୮୬୬ ମସିହା ଆଜିର ଦିନରେ ପ୍ରକାଶ ପାଇଥିଲା। ଓଡ଼ିଆ ସାମ୍ବାଦିକତା ଏବଂ ଖବର କାଗଜ ପ୍ରକାଶନରେ 'ଉତ୍କଳ ଦୀପିକା'ର ପ୍ରାସଙ୍ଗିକତାକୁ ସ୍ମରଣ କରି ଆଜି ଓଡ଼ିଆ ସାମ୍ବାଦିକତା ଦିବସ ପାଳନ କରାଯାଉଛି।

'ଉତ୍କଳ ଦୀପିକା' ପ୍ରଥମେ ସାପ୍ତାହିକ ଓ ପରେ ଦୈନିକ ଖବର କାଗଜ ଭାବେ ପ୍ରକାଶିତ ହେଉଥିଲା। ଗୌରୀଶଙ୍କର ରାୟ ଏହାର ପ୍ରଥମ ସମ୍ପାଦକ ଭାବେ କାର୍ଯ୍ୟ କରିଥିଲେ। 'ଉତ୍କଳ ଦୀପିକା' ଯୁକ୍ତିନିଷ୍ଠ, ସରଳ, ସୁଗମ ଏବଂ ପ୍ରାସଙ୍ଗିକ ଖବର ପାଇଁ ପରିଚିତ ଥିଲା।

## ପେଣ୍ଡରାଣୀଙ୍କ ବାର୍ଷିକ ଯାତ୍ରା

ନବରଙ୍ଗପୁର ଜିଲ୍ଲା ଉମରକୋଟର ଅଧିଷ୍ଠାତ୍ରୀ ଦେବୀ ମା' ପେଣ୍ଡରାଣୀଙ୍କ ବାର୍ଷିକ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟ ଓ ଗଣଶିକ୍ଷାମ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏଥିରେ ସାମିଲ ହୋଇଥିଲେ ।